# NATIONAL NEWS BULLETIN (ODIA)

**7 November - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଡେ ଆଟ୍ ସି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଗୋଆରେ ପହଞ୍ଚିଲେ ରାଷ୍ଟ୍ରପତି

–ଆଇଏନ୍‌ଏସ୍ ହଂସାରେ ରାଷ୍ଟ୍ରପତିଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ

- ଗୋଟିଏ ର୍‍ୟାଙ୍କ ଗୋଟିଏ ପେନସନ ନିଷ୍ପତ୍ତି ଦେଶର ସେନାବାହିନୀ ପ୍ରତି ପ୍ରକୃତ ସମର୍ପଣ ବୋଲି କହିଲେ ପ୍ରଧାନମନ୍ତ୍ରୀ

- ଆତଙ୍କବାଦ ମୁକାବିଲା ପାଇଁ ଖୁବ୍‌ଶୀଘ୍ର ପ୍ରଣୟନ ହେବ ଜାତୀୟ ଆତଙ୍କବାଦ ନିରୋଧ ନୀତି

- ୧୬ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ସାମାଜିକ ଗଣମାଧ୍ୟମର ବ୍ୟବହାର ଉପରେ କଟକଣା ଜାରି କରିବେ ଅଷ୍ଟ୍ରେଲିଆ ସରକାର

ଏବଂ

- ମେଲ୍‌ବର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡ୍‌ରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ମ୍ୟାଚ୍ ଜାରି

# ପ୍ରେଜ ଗୋଆ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସକାଳେ ଗୋଆରେ ପହଞ୍ଚିବା ପରେ ତାଙ୍କୁ ନୌସେନା କେନ୍ଦ୍ରରେ ଆଇଏନ୍‌ଏସ୍ ହଂସାରେ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି । ରାଷ୍ଟ୍ରପତି ଆଜି ସେଠାରେ ଆୟୋଜିତ ହେବାକୁ ଥିବା **ଡେ ଆଟ୍ ସି** କାର୍ଯ୍ୟକ୍ରମରେ ସାମିଲ ହୋଇ ଭାରତୀୟ ନୌସେନା ବିମାନ ଗୁଡ଼ିକର ପରିଚାଳନା ଦକ୍ଷତା ନିରୀକ୍ଷଣ କରିବେ । ଆଇଏନ୍‌ଏସ୍ ବିକ୍ରାନ୍ତର କେତେକ ଅଭ୍ୟାସ କାର୍ଯ୍ୟର ରାଷ୍ଟ୍ରପତି ନିରୀକ୍ଷଣ କରିବା ସହ ଭୂତଳ ପୋତ ପରିଚାଳନା, ଯୁଦ୍ଧାସ୍ତ୍ର ପରିବହନ ଭଳି କାର୍ଯ୍ୟକ୍ରମର ମଧ୍ୟ ସେ ନିରୀକ୍ଷଣ କରିବେ ବୋଲି ଜଣାପଡ଼ିଛି ।

# ପିଏମ୍-ଓଆରଓପି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଗୋଟିଏ ର୍‍ୟାଙ୍କ୍ ଗୋଟିଏ ପେନସନ୍ ଲାଗୁ କରିବାର ନିଷ୍ପତ୍ତି ଦୀର୍ଘ ସମୟରୁ ହୋଇ ଆସୁଥିବା ଦାବି ଏବଂ ସେନା ପ୍ରତି ଦେଶର କୃତଜ୍ଞତା ପ୍ରକାଶ ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା । ଆଜି ଏହି ଯୋଜନାକୁ ୧୦ ବର୍ଷ ପୂରିଥିବା ବେଳେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ରାଷ୍ଟ୍ର ପ୍ରତି ସେନାର ବଳିଦାନ ଏବଂ ସାହସକୁ ସମ୍ମାନ ଜଣାଇ ଏହି **ଗୋଟିଏ ର୍‍ୟାଙ୍କ ଗୋଟିଏ ପେନସନ୍** ଅତ୍ୟନ୍ତ ଜରୁରୀ ଥିଲା ।

କେନ୍ଦ୍ର ସରକାରଙ୍କ ଏହି ଯୋଜନା ଫଳରେ ପୂର୍ବତନ ସୈନିକମାନଙ୍କ ପାଇଁ ଉଚିତ ଓ ସମାନ ପେନସନ ସୁନିଶ୍ଚିତ ହୋଇପାରିଥିଲା । ଏହି ଯୋଜନାରେ ସମାନ ର୍‍ୟାଙ୍କ୍ ଏବଂ ସମାନ କାର୍ଯ୍ୟକାଳ ସହ

ଅବସର ଗ୍ରହଣ କରିଥିବା ସୈନିକମାନଙ୍କୁ ଏକପ୍ରକାର ପେନସନ୍ ଉପଲବ୍ଧ କରାହେଉଛି ।

ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନା ନିମନ୍ତେ ୪ ହଜାର ୪୬୮ କୋଟି ଟଙ୍କା ଅଧିକ ଖର୍ଚ୍ଚ ହେବ ।

ମନ୍ତ୍ରଣାଳୟ କହିଛି ଚଳିତବର୍ଷ ସେପ୍ଟେମ୍ବର ୩୦ତାରିଖ ସୁଦ୍ଧା ସୈନ୍ୟବାହିନୀରୁ ଅବସର ନେଇଥିବା କର୍ମଚାରୀଙ୍କୁ ପେନସନ୍ ବାବଦକୁ ୮୯୫ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି । ପ୍ରତ୍ୟେକ ୫ ବର୍ଷରେ ପେନସନ୍ ପରିମାଣରେ ସଂଶୋଧନ କରାଯିବ । ଚଳିତବର୍ଷ ଜୁଲାଇ ୧ ତାରିଖରୁ ନୂଆ ସଂଶୋଧିତ ପେନସନ ଲାଗୁ ହୋଇଥିଲା ।

## ଶାହା-କନ୍‌ଫରେନ୍ସ

ଆତଙ୍କବାଦ ମୁକାବିଲା ପାଇଁ କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ଜାତୀୟ ଆତଙ୍କବାଦ ନିରୋଧ ନୀତି ଓ ରଣନୀତି କୌଶଳ ପ୍ରଣୟନ କରିବେ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି । ଆଜି ନୂଆଦିଲ୍ଲୀରେ ଜାତୀୟ ତଦନ୍ତକାରୀ ସଂସ୍ଥା-ଏନ୍‌ଆଇଏ ପକ୍ଷରୁ ଆୟୋଜିତ ୨ ଦିନିଆ ଆତଙ୍କବାଦ ନିରୋଧୀ ସମ୍ମିଳନୀ ୨୦୨୪ରେ ଯୋଗଦେଇ ଶ୍ରୀ ଶାହା କହିଛନ୍ତି ୨୦୦୬ରୁ ୨୦୧୩ ଏବଂ ୨୦୧୪ରୁ ୨୦୨୧ ପର୍ଯ୍ୟନ୍ତ ଦେଶରେ ଆତଙ୍କବାଦୀ ଘଟଣା ୭୦ ପ୍ରତିଶତ ହ୍ରାସ ପାଇଛି । ସେ କହିଛନ୍ତି ଗତ ୧୦ ବର୍ଷ ମଧ୍ୟରେ ଭାରତ ସରକାର ଏକ ଦୃଢ଼ ରଣନୀତି ଅବଲମ୍ବନ କରି ଆତଙ୍କବାଦ ବିରୁଦ୍ଧରେ ଲଢ଼େଇ କରିବା ଲାଗି ସଂକଳ୍ପ ନେଇଛନ୍ତି ।

ଏହି ସମ୍ମିଳନୀରେ ଆତଙ୍କବାଦ ବିରୋଧରେ ସରକାରଙ୍କ ସଂପୂର୍ଣ୍ଣ ମନୋଭାବ ଉପସ୍ଥାପନ କରାଯାଇଥିବା ବେଳେ ଏହାକୁ ଆହୁରି ସମନ୍ୱିତ କରିବା ପାଇଁ ମତ ପ୍ରକାଶ ପାଇଛି । ଏହି ସମ୍ମିଳନୀରେ ବରିଷ୍ଠ ପୋଲିସ୍ ଅଧିକାରୀ, କେନ୍ଦ୍ରୀୟ ଏଜେନ୍ସୀ ଅଧିକାରୀ, ଆଇନ, ଫରେନ୍‌ସିକ୍ ଏବଂ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞମାନେ ସାମିଲ ହୋଇଛନ୍ତି ।

## ଭିପି-ଛଟ୍ ପୂଜା

ଛଟ୍ ପୂଜା ଅବସରରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉପରାଷ୍ଟ୍ରପତି ସମସ୍ତଙ୍କ ସୁଖ ସମୃଦ୍ଧି କାମନା କରିଛନ୍ତି । ସେ କହିଛନ୍ତି ସୂର୍ଯ୍ୟ ଉପାସନାର ଏହି ପର୍ବ ପ୍ରକୃତି ଏବଂ ମଣିଷ ମଧ୍ୟରେ ଥିବା ପବିତ୍ର ଓ ସାସ୍ୱତ ପରମ୍ପରାକୁ ଦର୍ଶାଉଛି । ଏହି ଅବସରରେ ଶ୍ରୀ ଧନଖଡ଼ ଦେଶର ପ୍ରଗତି ଏବଂ ସମୃଦ୍ଧି କାମନା କରିଛନ୍ତି ।

## ଏନ୍‌ଭାୟର୍ଣ୍ଣମେଣ୍ଟ -ଷ୍ଟବଲ୍

କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଫସଲ ମୂଳ ଜାଳିବା ଉପରେ ଜୋରିମାନା ଦ୍ୱିଗୁଣ କରିଛନ୍ତି । ଗତକାଲି ରାଜଧାନୀ ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ଫସଲ ମୂଳ ଜାଳିବା ହେତୁ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଥିବାରୁ ଏହି ସଂଶୋଧନ କରାଯାଇଛି । ନୂଆ ନିୟମ ଅନୁଯାୟୀ ୨ ଏକରରୁ କମ୍ କୃଷିକ୍ଷେତ୍ର ଥିବା କୃଷକମାନେ ୫ ହଜାର ଟଙ୍କା ଜୋରିମାନା ଦେବେ ବୋଲି ଜଣାପଡ଼ିଛି । ସେହିପରି ୨ରୁ ୫ ଏକର କ୍ଷେତ୍ରରେ ୧୦ ହଜାର ଏବଂ ୫ ଏକରରୁ ଅଧିକ କ୍ଷେତ୍ରରେ ୩୦ ହଜାର ଟଙ୍କା ଜୋରିମାନା ଦେବାକୁ ପଡ଼ିବ ।

# ଜେକେ ଆସେମ୍ବ୍ଲି

ଜାମ୍ମୁ କାଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳକୁ ସ୍ୱତନ୍ତ୍ର ପାହ୍ୟା ପ୍ରଦାନ ଏବଂ ସାମ୍ବିଧାନିକ ଗ୍ଯାରେଣ୍ଟି ଦେବା ପ୍ରସ୍ତାବ ଆଗତକୁ ନେଇ ବିଧାନସଭାରେ ହଇଗୋଳ ପରେ ଦିନକ ପାଇଁ ଗୃହକାର୍ଯ୍ୟ ସ୍ଥଗିତ ରଖାଯାଇଛି । ଉପମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ୍ କନ୍‌ଫରେନ୍ସର ନେତା ସୁରେନ୍ଦ୍ର କୁମାର ଚୌଧୁରୀଙ୍କ ଦ୍ୱାରା ଆଗତ ପ୍ରସ୍ତାବ ଧ୍ୱନିମତରେ ଗତକାଲି ପାରିତ ହୋଇଥିଲା । ଆଜି ବିଧାନସଭା କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେପି ବିଧାୟକ ଦଳ ନେତା ସୁନୀଲ ଶର୍ମାଙ୍କ ନେତୃତ୍ୱରେ ସଦସ୍ୟମାନେ ଏହି ପ୍ରସ୍ତାବର ବିରୋଧ କରିବା ସହ ତାହା ଅସାମ୍ବିଧାନିକ ବୋଲି ଅଭିଯୋଗ କରିଥିଲେ । ଅନେକ ସଦସ୍ୟ ଗୃହର ମଧ୍ୟଭାଗକୁ ଯିବା ପାଇଁ ଚେଷ୍ଟା କରୁଥିବା ବେଳେ ବାଚସ୍ପତି ଅବଦୁଲ ରହିମ ରାଥୋରଙ୍କ ନିର୍ଦ୍ଦେଶରେ ମାର୍ଶାଲମାନେ ସେମାନଙ୍କୁ ଗୃହରୁ ବାହାର କରିଦେଇଥିଲେ । ବାରମୂଳା ସାଂସଦ ଇଂଜିନିୟର ରାସିଦ୍‌ର ଭାଇ ଏବଂ କୁପୱାଡ଼ାର ଲାନଗେଟ ନିର୍ବାଚନ କ୍ଷେତ୍ରର ବିଧାୟକ ଖୁର୍ସିଦ ଅହମ୍ମଦ ଶେଖ୍ ଅନୁଚ୍ଛେଦ ୩୭୦ ପୁନଃ ଲାଗୁ କରିବା ଏବଂ ରାଜନୈତିକ ବନ୍ଦୀମାନଙ୍କୁ ମୁକ୍ତ କରିବା ଲେଖାଥିବା ପ୍ଲାକାର୍ଡ ପ୍ରଦର୍ଶନ କରିବାରୁ ଗୃହରେ ପାଟିତୁଣ୍ଡ ଆରମ୍ଭ ହୋଇଥିଲା । ଉଭୟ ଶାସକ ଏବଂ ବିରୋଧୀ ଦଳ ମଧ୍ୟରେ ଗଣ୍ଡଗୋଳ ଲାଗି ରହିଥିବା ବେଳେ ବାଚସ୍ପତି ପ୍ରଥମେ ୧୫ ମିନିଟ୍ ଏବଂ ପରେ ଆଜି ଦିନକ ପାଇଁ ଗୃହକାର୍ଯ୍ୟକୁ ମୁଲତବୀ ଘୋଷଣା କରିଥିଲେ ।

# ଅଷ୍ଟ୍ରେଲିଆ ସୋସିଆଲ୍ ମିଡ଼ିଆ ବ୍ୟାନ୍

ଅଷ୍ଟ୍ରେଲିଆ ସରକାର ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସାମାଜିକ ଗଣମାଧ୍ୟମର ବ୍ୟବହାର ଉପରେ କଟକଣା ଜାରି ନିମନ୍ତେ ଆଇନ ପ୍ରସ୍ତୁତ କରିବେ । ଯଦି ସାମାଜିକ ଗଣମାଧ୍ୟମଗୁଡ଼ିକ ଏଥିରେ ବିଫଳ ହୁଅନ୍ତି ସେ କ୍ଷେତ୍ରରେ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଏବଂ ଟିକ୍‌ଟକ୍ ଭଳି ପ୍ଲାଟଫର୍ମ ଉପରେ ଜୋରିମାନା ଲାଗୁ କରାଯିବ । ଯୁବପିଢ଼ିର ମାନସିକ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ନିମନ୍ତେ ସାମାଜିକ ଗଣମାଧ୍ୟମର ପ୍ରଭାବ ଚିନ୍ତାଜନକ ହୋଇପଡ଼ିଥିବା ବେଳେ, ଏହି ପଦକ୍ଷେପକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି । ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲ୍‌ବାନିଜ୍ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ସରକାର ଚଳିତମାସରେ ସଂସଦରେ ଏ ସଂପର୍କିତବିଧେୟକ ଆଗତ କରିବେ । ସରକାର ଛୋଟ ପିଲାମାନଙ୍କର ଅନ୍‌ଲାଇନ୍ ସୁରକ୍ଷା ପ୍ରତି ସଚେତନ ଅଛନ୍ତି ବୋଲି ସେ କହିଛନ୍ତି । ସେଠାକାର ଯୋଗାଯୋଗ ମନ୍ତ୍ରୀ ମିସେଲ୍ ରୋନାଲଡ୍ କହିଛନ୍ତି ସାମାଜିକ ଗଣମାଧ୍ୟମ କମ୍ପାନୀଗୁଡ଼ିକ ବାୟୋମେଟ୍ରିକ୍ ସ୍କାନ୍ କିମ୍ବା ବୟସ ଯାଞ୍ଚ ଭଳି ବ୍ୟବସ୍ଥା ଲାଗୁ କରିପାରିବେ । ତେବେ ସାମାଜିକ ଗଣମାଧ୍ୟମ ବ୍ୟବହାର କରୁଥିବା ୧୬ ବର୍ଷରୁ କମ୍ ପିଲାମାନଙ୍କ ପାଇଁ କିମ୍ବା ସେମାନଙ୍କ ପିତାମାତାଙ୍କ ପାଇଁ କୌଣସି ଦଣ୍ଡ ବ୍ୟବସ୍ଥା ନାହିଁ, କିନ୍ତୁ ସାମାଜିକ ଗଣମାଧ୍ୟମ ଗୁଡ଼ିକର ଯୁବ ବ୍ୟବହାରକାରୀମାନଙ୍କୁ ବ୍ଲକ୍ ନ କଲେ କଡ଼ା ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।

# ନ୍ୟାଶନାଲ୍ କ୍ୟାନ୍ସର ଆୱ୍ୱାରନେସ୍ ଡେ

କର୍କଟ ରୋଗ ସଂପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଜାତୀୟ କ୍ୟାନ୍ସର ସଚେତନା ଦିବସ ପାଳନ କରାଯାଉଛି । ୨୦୧୪ ମସିହା ପରଠାରୁ ପ୍ରତ୍ୟେକ ବର୍ଷ ନଭେମ୍ବର ୭ ତାରିଖ ଦିନ ଏହି ଦିବସ ପାଳନ କରାଯାଇଥାଏ । ଏହି ଦିବସରେ କର୍କଟରୋଗ ଚିହ୍ନଟ କରିବା, ଏହାର ଚିକିତ୍ସା ସମ୍ବନ୍ଧରେ ସଚେତନତା ସୃଷ୍ଟି କରାଯାଇଥାଏ । ଆଜିର ଦିନରେ ଭୌତିକ ବିଜ୍ଞାନୀ ମ୍ୟାରୀ କ୍ୟୁରୀଙ୍କ ଜନ୍ମ ଶତବାର୍ଷିକୀ ମଧ୍ୟ ପାଳନ କରାଯାଏ । ମ୍ୟାରୀ କ୍ୟୁରୀ କର୍କଟ ରୋଗର ଚିକିତ୍ସା କ୍ଷେତ୍ରରେ ରେଡିୟମ୍ ଏବଂ ପୋଲୋନିୟମର ଭୂମିକା ସଂପର୍କରେ ଅନୁସନ୍ଧାନ କରିଥିଲେ ।

ଆଜିର ଦିବସରରେ ବିଭିନ୍ନ ଡାକ୍ତରଖାନା ଓ କ୍ଲିନିକ୍‌ରେ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନା ଅଧୀନରେ କ୍ୟାନସର ଚିହ୍ନଟ ବ୍ୟବସ୍ଥା କରାଯାଇଛି । ଭାରତରେ ୨୦୧୪ ସେପ୍ଟେମ୍ବରରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ହର୍ଷ ବର୍ଦ୍ଧନଙ୍କ ଦ୍ୱାରା ଜାତୀୟ କର୍କଟ ସଚେତନତା ଦିବସ ପାଳନର ଶୁଭାରମ୍ଭ କରାଯାଇଥିଲା ।

# ରେଲ୍‌ୱେ - ସ୍ପେଶାଲ ଟ୍ରେନ୍

ଛଠ୍ ପୂଜାକୁ ଦୃଷ୍ଟିରେ ରଖି ଆସନ୍ତାକାଲିଠାରୁ ୧୧ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ୧୬୪ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ । ଆସନ୍ତା ୩ ଦିନ ମଧ୍ୟରେ ୪୭୬ଟିରୁ ଅଧିକ ଟ୍ରେନ୍ ଚଳାଚଳ କରିବା ଲାଗି ବ୍ୟବସ୍ଥା କରାଯାଇଛି । ରେଳ ବିଭାଗ ପକ୍ଷରୁ ଗତ ୩୬ ଦିନ ମଧ୍ୟରେ ୪ ହଜାର

୫୨୧ଟି ସ୍ୱତନ୍ତ୍ର ଟ୍ରେନ୍ ଜରିଆରେ ୬୫ ଲକ୍ଷରୁ ଅଧିକ ଯାତ୍ରୀଙ୍କୁ ସେବା ପ୍ରଦାନ କରାଯାଇଛି । ଯାତ୍ରୀଭିଡ଼କୁ ଦୃଷ୍ଟିରେ ରଖି ପାର୍ବଣ ଋତୁରେ ଲୋକମାନେ ଯେଭଳି ଗନ୍ତବ୍ୟ ସ୍ଥଳରେ ସହଜ ଓ ସୁରକ୍ଷିତ ଭାବେ ପହଞ୍ଚିପାରିବେ, ସେନେଇ ରେଳ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା କରାଯାଇଛି ।

ଭାରତୀୟ ରେଳ ବିଭାଗ ଚଳିତ ମାସ ୪ ତାରିଖରେ ୧ କୋଟି ୨୦ ଲକ୍ଷରୁ ଅଧିକ ଯାତ୍ରୀଙ୍କୁ ସେବା ପ୍ରଦାନ କରିଛି । ଗୋଟିଏ ଦିନରେ ଏତେ ସଂଖ୍ୟକ ଯାତ୍ରୀ ଯାତ୍ରା କରିବା ସର୍ବାଧିକ ବୋଲି କୁହାଯାଇଛି । ପଶ୍ଚିମ ରେଳବାଇ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଗତ ୪ ତାରିଖରେ ୨୦ ଲକ୍ଷରୁ ଅଧିକ ସଂରକ୍ଷିତ ଏବଂ ୧ କୋଟିରୁ ଅଧିକ ଅଣସଂରକ୍ଷିତ ବର୍ଗରେ ଯାତ୍ରୀମାନେ ଯାତ୍ରା କରିଛନ୍ତି ।

ଚଳିତ ବର୍ଷ ଏହି ସଂଖ୍ୟା ସର୍ବାଧିକ ବୋଲି ବିଜ୍ଞପ୍ତିରେ କୁହାଯାଇଛି । ପାର୍ବଣ ଋତୁରେ ଅତ୍ୟଧିକ ଭିଡ଼କୁ ଦୃଷ୍ଟିରେ ରଖି ଗତ ଅକ୍ଟୋବର ପହିଲାରୁ ନଭେମ୍ବର ୩୦ ତାରିଖ ମଧ୍ୟରେ ୭ ହଜାର ୬୦୦ରୁ ଅଧିକ ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା କରାଯାଇଛି । ଗତବର୍ଷ ତୁଳନାରେ ଏହା ୭୩ ପ୍ରତିଶତରୁ ଅଧିକ ବୋଲି କୁହାଯାଇଛି ।

---

# କୋରିଆ ଓପନ ବ୍ୟାଡମିଣ୍ଟନ

କୋରିଆ ମାଷ୍ଟର୍ସ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ପୁରୁଷ ସିଙ୍ଗିଲ୍ସ ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ଆଜି ଭାରତର କିରଣ ଜର୍ଜଙ୍କ ମୁକାବିଲା ତାଇୱାନର ଚି ୟୁ ଜେନ୍‌ଙ୍କ ସହ ହେବ । ଏହା ପୂର୍ବରୁ ଗତକାଲି ପ୍ରଥମ ରାଉଣ୍ଡରେ ଭାରତୀୟ ଖେଳାଳି କିରଣ ଜର୍ଜ ଭିଏତନାମ୍‌ର ଗୁଏନ୍ ହାଇ ଡାଙ୍ଗଙ୍କୁ ୧୫-୨୧, ୨୧-୧୨ ଏବଂ ୨୧-୧୫ ସେଟ୍‌ରେ ପରାସ୍ତ

କରିଥିଲେ । ବିଶ୍ୱର ୪୧ତମ ମାନ୍ୟତାପ୍ରାପ୍ତ ଭାରତୀୟ ଖେଳାଳି ପ୍ରଥମ ପର୍ଯ୍ୟାୟରେ ପରାସ୍ତ ହୋଇଥିଲେ ମଧ୍ୟ ଦ୍ୱିତୀୟ ପର୍ଯ୍ୟାୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଖେଳିଥିଲେ ।

## କ୍ରିକେଟ୍

ମେଲ୍‌ବର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡରେ ଭାରତ-ଏ ଏବଂ ଅଷ୍ଟ୍ରେଲିଆ-ଏ ମଧ୍ୟରେ ଚାଲିଥିବା କ୍ରିକେଟ୍ ଟେଷ୍ଟ୍ ମ୍ୟାଚ୍‌ରେ ଭାରତ ପ୍ରଥମ ଇନିଂସରେ ୫୭ ଓଭର ଗୋଟିଏ ବଲ୍‌ରେ ସମସ୍ତ ଓ୍ୱିକେଟ୍ ହରାଇ ୧୬୧ ରନ୍ ସ୍କୋର୍ କରିଛି । ସମ୍ବାଦ ପ୍ରସ୍ତୁତ ହେଲା ବେଳକୁ ଅଷ୍ଟ୍ରେଲିଆ ୨ଟି ଓ୍ୱିକେଟ୍ ହରାଇ ୧୭ ଓଭର ଗୋଟିଏ ବଲ୍‌ରେ ୫୩ ରନ୍ ସଂଗ୍ରହ କରିଛି । ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ’ ଭାରତକୁ ୭ ଓ୍ୱିକେଟ୍‌ରେ ପରାସ୍ତ କରିଥିଲା ।